ନିତି ଭାରତୀ

ପ୍ରଥମ ବିଜୟ ପରେ ବିଶ୍ରାମ ନିଅନାହିଁ, କାରଣ ଦ୍ୱିତୀୟ ବାଜିରେ ତୁମେ ଯଦି ହାରିଯିବ, ତା'ହେଲେ ଭାଗ୍ୟ ବଳରୁ ତୁମେ ବିଜୟ ଲାଭ କରିଥିଲ ବୋଲି କହିବାକୁ ଅନେକ ଲୋକ ଚାହିଁ ବସିଥାନ୍ତି। **-ଡକ୍ଟର ଏପିଜେ ଅବଦୁଲ୍ କଲାମ୍**

ନିତିଦିନ NITIDIN
ମଙ୍ଗଳବାର, ୩୦ ଜୁନ୍ ୨୦୨୦

ବିମର୍ଷ ଭାଗ୍ୟ: ବିପର୍ଯ୍ୟସ୍ତ ମୂଲ୍ୟବୋଧ

କୌଣସି ପ୍ରକାର ସମସ୍ୟାର ପ୍ରତିକାର ଲାଗି ନିଆଯାଉଥିବା ପଦକ୍ଷେପ ସର୍ବଦା ଉତ୍ତମ ଫଳ ଦିଏନାହିଁ। ଯେତେ ସଚେତନ ହୋଇ କାର୍ଯ୍ୟ କଲେ ବି ଆପେ ଆପେ କିଛି ନା କିଛି ବ୍ୟତିକ୍ରମର ସାମ୍ନା କରିବାକୁ ପଡ଼େ। କାରଣ 'ସତ୍ୱ ସହିତ ତମଃର ସଂଘାତ' କେବଳ ହୁଏନାହିଁ, 'ତମଃ ସହିତ ତମଃର ସଂଘାତ' ଭଳି ପାରସ୍ପରିକ ବିପରୀତ ଅବସ୍ଥାର ସମ୍ମୁଖୀନ ହେବା ହିଁ ସୃଷ୍ଟିତତ୍ତ୍ୱର ଲକ୍ଷଣ। ସରଳ ଭାବେ କହିଲେ, ଭଲ ସହିତ ମନ୍ଦର ବିରୋଧ ହୁଏ ଏବଂ ଭଲ ସହିତ ଭଲର ମଧ୍ୟ ବିରୋଧାଭାସ ଦେଖାଦିଏ। ମନେ କରନ୍ତୁ, ଆପଣ ଗୋଟେ ଭଲ ଉଦ୍ଦେଶ୍ୟରେ କାମଟେ ସମ୍ପନ୍ନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଦେଖିବେ ଏଥିପାଇଁ କେବଳ ପ୍ରତିବନ୍ଧକ ନୁହେଁ, ନାନା ଆନୁଷଙ୍ଗିକ ସମସ୍ୟା ମଧ୍ୟ ଭୋଗ କରିବାକୁ ପଡ଼ିପାରେ! ଏଇଠି ଆପଣଙ୍କ ଭିତରେ ପ୍ରଶ୍ନଟିଏ ଆସିପାରେ, ଯଦି ଭଲ କାମ କରି ବିପଦ ଆସେ, ତେବେ ଆମେ ଭଲ କାମ କାହିଁକି କରିବା କିମ୍ବା ମନ୍ଦ କାମ କାହିଁକି ନ କରିବା? ପ୍ରକୃତରେ ଉଦ୍ଦେଶ୍ୟ ଭଲ ଥିଲେ ଓ ଯୋଜନାବଦ୍ଧ ଭାବେ କାମ କରି ଚାଲିଲେ ଉପକାର ମିଳିବାର ସମ୍ଭାବନା ଅଧିକ। ହୁଏତ ତତ୍କାଳ ଲାଭ କିଛି ପାଇ ନ ପାରନ୍ତି ଓ ଏ ସମୟରେ ଅଧିକ ଯନ୍ତ୍ରଣାର ସମ୍ମୁଖୀନ ବି ହୋଇ ପାରନ୍ତି; କିନ୍ତୁ ଚିରସ୍ଥାୟୀ ଲାଭର ସମ୍ଭାବନା ଏଥିରେ ଅଧିକ। ମାତ୍ର ମନ୍ଦ କାମ କେବଳ ମନ୍ଦ ଫଳ ହିଁ ଦେବ। ଆଜି କରୋନା ମହାମାରୀର ବିପଦ କାଳରେ ଆମକୁ ସୁଚିନ୍ତିତ ଭାବେ କାର୍ଯ୍ୟ କରି ଚିରସ୍ଥାୟୀ ଲାଭ ପ୍ରତି ଦୃଷ୍ଟିଦେବା ଅବଶ୍ୟମ୍ଭାବୀ। ସାମୟିକ ଭାବେ ଅବଶ୍ୟ କିଛି କ୍ଷତି ଘଟି ଯାଇପାରେ; ମାତ୍ର ଏଥିପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ବିପଦକୁ ଦେଖି ହାଇଁପାଇଁ ହେଲେ କିଛି ଲାଭ ହେବନି। ବସ୍ତୁତଃ, ମାନବୀୟ ମୂଲ୍ୟବୋଧକୁ ଆଖି ଆଗରେ ରଖି ନିଜର କର୍ତ୍ତବ୍ୟ ସମ୍ପାଦନା କଲେ ଏକ ସୁଦୀର୍ଘ ଉତ୍ତମ ଫଳ ପ୍ରାପ୍ତିର ଆଶା ଉଜ୍ଜ୍ୱଳ ହେବ।



ବିଶ୍ୱରଞ୍ଜନ ଦାସ

ଅଧୁନା ବ୍ୟକ୍ତିଠାରୁ ଆରମ୍ଭ କରି ବ୍ୟବସ୍ଥା ପର୍ଯ୍ୟନ୍ତ ସମସ୍ତେ ଗଭୀର ବିପଦର ଆଶଙ୍କାରେ ଅଧୀର। ଏହି ସମୟରେ ଯୋଜନାବଦ୍ଧ ଭାବେ ଯେତେ ତ୍ୱରିତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଗଲେ ମଧ୍ୟ ପରିଣାମରେ ତାହା ଭୁଲ୍ ପ୍ରମାଣିତ ହେଉଛି। ଏହି ବିରୋଧାଭାଷଜନିତ ଭୁଲ୍ ସମଗ୍ର ବିଶ୍ୱ ମାନସକୁ ଆଚ୍ଛନ୍ନ କରିଛି। ଧରି ହେଉନି କେଉଁଟା ଭଲ ଓ କେଉଁଠି ଭେଲ। ଅଧୁନା ସମୟ ମଣିଷକୁ ସେହିଭଳି ଏକ ଦୋଛକିରେ ପକାଇ ଦେଇଛି। ମହାମାରୀରୁ ମୁକ୍ତି ଲାଗି ସଂଗ୍ରାମ କରୁକରୁ ଆମେ ହଜାଇ ଦେଲୁଣି କୋମଳ ସୌକୁମାର୍ଯ୍ୟ ଓ ଉଚ୍ଚକିତ ମୂଲ୍ୟବୋଧ। ଏକ ସୁତୀବ୍ର ଅସହାୟତା ସମଗ୍ର ସତ୍ତାକୁ ଆବୋରି ବସିଲାଣି। ସୁସ୍ଥ, ନିରାମୟ ଓ ସ୍ୱଚ୍ଛନ୍ଦ ଜୀବନଯାପନର ପଥ ଅବରୁଦ୍ଧ। ବ୍ୟକ୍ତି ସର୍ବତୋ ଭାବେ ପରିପୁଷ୍ଟ ଜୀବନଧାରଣ କରିବା ପ୍ରକ୍ରିୟାଟି ସଦା ବିରଳ। ଦାରୁଣ ସଂକଟରୁ ନିବୃତ୍ତି ପାଇବା ପାଇଁ ଯଦିଓ ବ୍ୟକ୍ତିଟିଏ ଏକା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ, ତେବେ ଗୋଷ୍ଠୀ କହିଲା ମାତ୍ରେ ଅଛି ବିପଦ। ଅନ୍ୟର ସାମାନ୍ୟ ସହାୟତା ଲୋଡ଼ିବା ବେଳକୁ ସଂକ୍ରମଣର ଭୟ। ଏଇଠି ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶରେ ସବୁକିଛି ପରିଚାଳିତ ବୋଲି ମଣିଷ ଧରି ନେବାକୁ ହୁଏ ବାଧ୍ୟ। ତା' ଅତୀତର ସମସ୍ତ କର୍ମ ପାଇଁ ସେ ନିଜକୁ ଦାୟୀ କରିବା ପରିବର୍ତ୍ତେ ଦୈବ, ନିୟତି, ବିଧି, ଅଦୃଷ୍ଟ, କପାଳ, ଭାଗ୍ୟପୁରୁଷ, ଭାଗ୍ୟ ନିୟନ୍ତା ପ୍ରଭୃତି ଶବ୍ଦ ତା' ଚେତନାକୁ କରନ୍ତି ପ୍ରଚୋଦିତ। ତା'ର ଏ ବିମର୍ଷ ଭାଗ୍ୟ ଓ ଅସହାୟ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସମ୍ବେଦନଶୀଳତା ଓ ମାନବୀୟ ମୂଲ୍ୟବୋଧ ଯାହା ଆଜି କ୍ରମଶଃ ବିପର୍ଯ୍ୟସ୍ତ। ଓଲଟପାଲଟ ହୋଇ ଯାଉଛି ସାମାଜିକ ଓ ସାଂସ୍କୃତିକ ମାନର ମାପଦଣ୍ଡ। ସବୁକିଛି ବିକ୍ଷିପ୍ତ ଭାବେ କ୍ଷିପ୍ତ। ଆମ ଭଣ୍ଡାର ଘର ଉଚ୍ଛନ୍ନ। ଛତ୍ରଭଙ୍ଗ ଆତ୍ମୀୟ ସ୍ୱଜନ। କାରଣର ଅକାରଣରେ ଟଳି ପଡୁଛନ୍ତି ଅସଂଖ୍ୟ ଦେବଶିଶୁ। କେବେ ଅର୍ଥ ପାଇଁ ଅନର୍ଥ ତ କେବେ ଅର୍ଥ ଥାଇ ଅର୍ଥହୀନତାର ଯାତନା। ଭୋକରେ ଆଉଟୁପାଉଟୁ ଖଟିଖିଆ ମେହନତି ମଣିଷ। ହଜାର ହଜାର ମାଇଲ ଅଣନିଃଶ୍ୱାସୀ ହୋଇ ପାଦରେ ଚାଲି ଗାଁକୁ ଧାଇଁ କିଏ ପଥକଡ଼ରେ ଶୋଇ ପଡୁଛି ଚିରନିଦ୍ରାରେ। ଏବେ ଆମେ ସମସ୍ତେ ଏକ କ୍ରମହୀନ ବିପରୀତ ମୁଦ୍ରାରେ ବିକଳ, ବିଧୃତ ଓ ବ୍ୟତିକ୍ରାନ୍ତ।

ଏବେ ଆମ ସମାଜ-ଜୀବନ ଅସ୍ଥିର ଭାବେ ସ୍ଥିର, ନାଚାର। ଅକଳ୍ପନୀୟ ଦୁର୍ଘଟଣାଜନିତ ଭାବଗତ ଦାରିଦ୍ର୍ୟ ହିଁ ଆମର ମୂଲ୍ୟ ସମ୍ପର୍କିତ-ବୋଧ ବା ଗୁଣର ଉପଲବ୍ଧିକୁ ମଳିନ କରି ପକାଇଛି। ମାନବୀୟ ଆଚରଣର ସାରବତ୍ତା ଗୁରୁତ୍ୱହୀନ। ସ୍ଥଳବିଶେଷରେ ଏହା ନୈତିକ ଭାବ-ବିରୋଧୀ ତତ୍ତ୍ୱ ହୋଇ ଦଣ୍ଡାୟମାନ। ଆଜିର ଘଟଣାବହୁଳ ଜୀବନଚର୍ଯ୍ୟାରେ ମାନବୀୟ ମୂଲ୍ୟବୋଧର ଅବକ୍ଷୟଜନିତ ଅସଂଖ୍ୟ ଚିତ୍ର ଦୈନନ୍ଦିନ ଆମେ କରୁଛେ ପ୍ରତ୍ୟକ୍ଷ। ଗୋଟିଏ ସମସ୍ୟାକୁ କେନ୍ଦ୍ର କରି ପ୍ରତ୍ୟେକ ମୁହୂର୍ତ୍ତରେ ଏକାଧିକ ସମସ୍ୟା ମୁଣ୍ଡ ଟେକି ଉଠୁଛି। ଅନେକ ନିରର୍ଥ ମୁହୂର୍ତ୍ତର ଘଟୁଛି ଏକତ୍ର ସମାବେଶ। ସମ୍ମୁଖରେ ବିଦ୍ୟମାନ ଭାବ-ବସ୍ତୁର ଦ୍ୱନ୍ଦ୍ୱ। ଜୀବନ-ଜୀବିକାର ସଂଘାତ। କିଲିବିଲି ଜୀବନଧାରଣ ରୀତି। ବିବେକ ହେଉଛି ରୋଗଗ୍ରସ୍ତ। ଚପଳ ବାଳକ ପରି ଜଟିଳ ଦୁଷ୍କାମିର ଅବଲମ୍ବନ ହେଉଛି ଦୃଷ୍ଟିଗୋଚର। କେହି କ୍ଷମତାର ଆଟୋପ ଓ ପ୍ରତିଶୋଧର ସୁଯୋଗ ଉଣ୍ଢୁଛି ତ କିଏ ରୋଗଗ୍ରସ୍ତ ହୋଇ ଚିକିତ୍ସା ଅଭାବରେ ସଢୁଛି। କିଏ ଜନସେବା ନାମରେ ଅର୍ଥ ତୋଷରପାତ କରୁଛି ତ କିଏ ବେପରୱା ଭାବେ ଅନ୍ୟକୁ ମରଣ ମୁହଁକୁ ଠେଲି ଦେଉଛି। ଚରମ ଦୁଃଖରେ ପୀଡ଼ିତ ପଥଚାରୀ ମଣିଷଟି ସହୁଛି ନିର୍ଦ୍ଦୟ ଭାବେ ପୁଲିସ୍‌ର ଗୋଇଠା ପ୍ରହାର। ଶାସନର ନିର୍ଦ୍ଦେଶନାମାରେ ରହୁନାହିଁ ତାଳମେଳ। ଦୈନନ୍ଦିନ ବଦଳି ଯାଉଛି ନୀତି ନିୟମ। ଫଳତଃ ଲୋକେ ହେଉଛନ୍ତି ବିଭ୍ରାନ୍ତିର ଶିକାର। ଗତ କଥା-ଆଗତ କଥା, ଚିହ୍ନା କଥା-ଅଚିହ୍ନା କଥା, ଜଣା କଥା-ଅଜଣା କଥା, ଶୁଣା କଥା-ଅଶୁଣା କଥା ଏମିତି ଢେରଢେର କଥା ଆସୁଛି। କୁହାଯାଉଛି, ନିରୋଗ ରହିବାକୁ ହେଲେ ସର୍ବଦା ମୁହଁରେ ତୁଣ୍ଡି ଦେବା ବିଧେୟ। ପୁଣି କୁହାଯାଉଛି- ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍‌ରୋଗୀ ଓ ଛୋଟପିଲା ସର୍ବଦା ତୁଣ୍ଡି ବାନ୍ଧିଲେ ଅମ୍ଳଜାନ ଅଭାବଜନିତ ରୋଗରେ ପୀଡ଼ିତ ହୋଇ ପାରନ୍ତି। କୁହାଯାଉଛି, ଲକ୍ଷଣ ନଥାଇ ମଧ୍ୟ କରୋନା ଭୂତାଣୁ ଆକ୍ରାନ୍ତ ହେଉଛନ୍ତି ଓ ପୁଣି କୁହା ଗଲାଣି, ଲକ୍ଷଣ ନଥିଲେ ଆଉ କୌଣସି ପରୀକ୍ଷାନିରୀକ୍ଷାର ଆବଶ୍ୟକତା ନାହିଁ। କୁହାଗଲା, ଅନ୍ତତଃପକ୍ଷେ ଛ' ଫୁଟ ଦୂରତା ରଖିଲେ ବିପଦ ନାହିଁ ଓ ପୁଣି କୁହା ଗଲାଣି ସଂକ୍ରମଣ ଲାଗି ଛ' ଫୁଟର ବ୍ୟବଧାନ ଯଥେଷ୍ଟ ନୁହେଁ। କୁହାଗଲା, ରୋଗ ନ ବ୍ୟାପିବା ଲାଗି କଷ୍ଟ ହେଉ ପଛେ ସଙ୍ଗରୋଧ ନିୟମ ମାନି ଗୃହାଙ୍ଗନରେ ନିରାପଦରେ ରୁହ। ଏବେ କୁହା ଗଲାଣି, ରୋଗାକ୍ରାନ୍ତଙ୍କ ସଂଖ୍ୟା ଯେତେ ବୃଦ୍ଧି ହେବ, ସେତେ ଭଲ ଓ ଏଥିରେ କୁଆଡ଼େ ଲୋକଙ୍କ ରୋଗ ପ୍ରତିରୋଧକ କ୍ଷମତା ବଢ଼ିବା ସହିତ କରୋନା କ୍ରମଶଃ ପ୍ରଭାବହୀନ ହେବ। କେଉଁଠି ସାମାଜିକ ଦୂରତା ଭାଙ୍ଗିଲେ ଦଣ୍ଡ ଦିଆଯାଉଛି ତ ପୁଣି କେଉଁଠି ଦଣ୍ଡଧାରୀଙ୍କ ପକ୍ଷରୁ ଏହି ସାମାଜିକ ଦୂରତାକୁ ଫୁ' କରାଯାଉଛି। ଏଭଳି ପରସ୍ପର ବିରୋଧାଭାଷ କଥା ଶୁଣିଶୁଣି ଜାଣିବା ଶୁଣିବା ଲୋକଙ୍କ ମୁଣ୍ଡ ବିଭ୍ରାନ୍ତ ହୋଇ ଗଲାଣି, ଆଉ ଅନ୍ୟମାନଙ୍କ କଥା କ'ଣ କହିବା! ଲାଗୁଛି, ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ଆମ ଶାସକ, ବିଶେଷଜ୍ଞ, ଆଇନଜ୍ଞ-ସମସ୍ତେ ଯେପରି ଅନ୍ଧାରରେ ବାଡ଼ି ବୁଲାଉଛନ୍ତି। ଚେତନା ଓ ଦାୟିତ୍ୱ ଜ୍ଞାନର ଅବସ୍ଥିତି ରହି ମଧ୍ୟ ରହୁନାହିଁ। ସ୍ଥିତି ପାଇଁ ଦୁନିଆର ଯେତେକ ହୀନ କଥାଗୁଡ଼ିକର ମୂଲ୍ୟ ଖୋଜା ଚାଲୁଛି କେବଳ। ମୂଲ୍ୟବୋଧକୁ ନଷ୍ଟ କରି ଜୀବନକୁ ଭଲ ପାଇବାକୁ ସଭିଏଁ ଆଗଭର, ଅଥଚ ନିର୍ଦ୍ଦିଷ୍ଟ ମାର୍ଗ ଅନୁସନ୍ଧାନରେ ଅସମର୍ଥ। ଯାବତ୍ ସହନଶୀଳ ପ୍ରତିରୋଧକ ବିପରୀତ ଗତିଗୁଡ଼ିକ ସତେ ଯେମିତି ସମ୍ପୂର୍ଣ୍ଣ ଭାବେ ଆମର ସ୍ଥିତିକୁ କରୁଛି ନିୟନ୍ତ୍ରିତ। ଦୀପ ଲିଭିବା ପୂର୍ବରୁ ଜୋର୍‌ରେ ଜଳି ଉଠିବା ପରି ଏ ଅବସ୍ଥା।

ଆଜି ଏମିତି ଏକ ସମୟ କିଏ ରତ୍ନାକର-ଦସ୍ୟୁ, କିଏ ମହର୍ଷି-ବାଲ୍ମିକୀ ଜାଣିବା କଷ୍ଟକର। କେଉଁଠି କେମିତି ଦୁରାଚାରୀଙ୍କ ଭିତରେ ବରଂ ମାନବିକତାର ଆତ୍ମପ୍ରକାଶ ଘଟୁଥିବା ଲକ୍ଷ୍ୟ କରାଯାଉଛି; କିନ୍ତୁ ଜନତାର ଦାୟଦରାଦ ନେଉଥିବା ବ୍ୟକ୍ତିଟି ନର ରାକ୍ଷସ ଭାବେ ହେଉଛି ଅବତୀର୍ଣ୍ଣ। ମଣିଷପଣିଆ କ୍ରମଶଃ ଭୂଲୁଣ୍ଠିତ। ରାଜନେତା ନିଦାବିଷ୍ଟ। ଲାଗୁଛି, ଏଇମିତି ଭୂତାଣୁର ଏ ଅପମୃତ୍ୟୁ ଜାରି ରହିବ। ହୁଏତ ଖାଲି ନାମାନ୍ତର ହେବ ମାତ୍ର। ଏଥି ସହିତ ପାରସ୍ପରିକ ଅଶାନ୍ତି, ଅସନ୍ତୋଷ, ସଂଘାତ, ପ୍ରାକୃତିକ ବିପ୍ଳବ ଓ ମନୁଷ୍ୟକୃତ ଯୁଦ୍ଧ ବିଗ୍ରହ ଆଦି କେବଳ ନୂଆ ରୂପ ନେଉଥିବ। ବ୍ୟକ୍ତି ଚିନ୍ତାର ବାହାରେ ଥିବା ଭାଗ୍ୟ ଓ ଭବିତବ୍ୟ ହେବ ତମସାଚ୍ଛନ୍ନ। ଆମ ଭବିଷ୍ୟବାଦୀ ଚିନ୍ତାଧାରା ମୂଳତଃ ବିଶ୍ୱାସ ନିର୍ଭର। ସେ ବିଶ୍ୱାସ ଏକ ଅଦୃଷ୍ଟ ଶକ୍ତିର। ତା' ପାଇଁ କଳ୍ପନା ଅଛି, କିନ୍ତୁ ତାହା ନିଶ୍ଚିତ ନୁହେଁ, ଅନିଶ୍ଚିତ। ପାଶବିକତାର ମୁକ୍ତିରେ ମଣିଷପଣିଆର ହୁଏ ପ୍ରକାଶ ଓ ବିକାଶ। ଆମ ଧର୍ମ, ଦର୍ଶନ, ନୀତିଶାସ୍ତ୍ର, ଯୋଗଶାସ୍ତ୍ର ସମଗ୍ର ମାନବ ଜାତିର ଉନ୍ନତି ଓ ସୁଖ ଶାନ୍ତି ପାଇଁ ମାର୍ଗ ପ୍ରବର୍ତ୍ତନ କରି ଆସିଛି। କେତେ ସାଧୁସନ୍ଥ ପାଶବିକତାରୁ ମୁକ୍ତି ପାଇଁ ଆହ୍ୱାନ ଦେଇଛନ୍ତି ଓ ରାସ୍ତା ବି ଦେଖାଇଛନ୍ତି। ଏଥିପାଇଁ ପ୍ରାଚୀନ ଗ୍ରୀସୀୟ ଦାର୍ଶନିକ, ଭାରତୀୟ ବିଦ୍ୱାନ ଯଥା ଶ୍ରୀଅରବିନ୍ଦ, ବିବେକାନନ୍ଦ ଓ ଗାନ୍ଧିଜୀଙ୍କ ପରି ମହାନ ସନ୍ଥମାନେ ମାନବିକତାର ଉନ୍ମେଷ ପାଇଁ ବହୁ ମୂଲ୍ୟବାନ କଥା କହିଛନ୍ତି। କିନ୍ତୁ ଏଯାବତ୍ ମାନବିକ ମୂଲ୍ୟବୋଧ ଶତଗୁଣିତ ହୋଇନାହିଁ। ଆମ ତଥାକଥିତ ବୁଦ୍ଧିଜୀବୀ ନିଜକୁ ମାନବିକତାବାଦୀ ବୋଲି କହନ୍ତି। ସେମାନେ କେବଳ କହିବାର ସୂତ୍ରଗୁଡ଼ା ଜାଣିଥାନ୍ତି, କାମରେ କମ୍ ଦେଖାନ୍ତି। ମଣିଷ ଓ ସଭ୍ୟତାର ଅଗ୍ରଗତି-ବିପର୍ଯ୍ୟୟ-କ୍ରମୋନ୍ନତି ଅବା ଉତ୍‌ଥାନ-ପତନ ଏକ ସ୍ୱାଭାବିକ ରୀତିରେ ଚାଲିଛି ଓ ଚାଲିବ ମଧ୍ୟ। ଏଥିପାଇଁ କେହି ଚିତ୍କାର କଲେ ବିକାଶଧାରାକୁ କ୍ଷୀପ୍ରତର କରି ପାରିବ ନାହିଁ କି ବିପର୍ଯ୍ୟୟକୁ ଅଟକାଇ ପାରିବ ନାହିଁ। ଯେହେତୁ ମନୁଷ୍ୟର ନିଜର ସ୍ୱାଧୀନ ବିଚାରଧାରା ରହିଛି, ନିଜକୁ ଗଢ଼ିବା ଦାୟିତ୍ୱ ମଧ୍ୟ ପ୍ରତ୍ୟେକଟି ବ୍ୟକ୍ତି ହାତରେ କିଛି କିଛି ପରିମାଣରେ ଅଛି। ମାନବର ଅଭ୍ୟନ୍ତରରେ ରହିଥିବା ମଣିଷପଣିଆ ଏକ ନୈସର୍ଗିକ ସତ୍ତା ହୋଇ ଉଭା ହେଲେ ଦୁର୍ଗତିର ସମାଧାନ ଓ ଉନ୍ନତିର ସୁସ୍ଥ ବିକାଶ ସମ୍ଭବ ହେବ। ବିପଦ ପଡ଼ିଛି ବୋଲି ସମସ୍ତଙ୍କୁ କେବଳ ଆତ୍ମକେନ୍ଦ୍ରିକ ହେବାର ସକଳ ସୂତ୍ର ଦେଖାଇ ଚାଲିଲେ ଚଳିବ ନାହିଁ। 'ବସୁଧୈବ କୁଟୁମ୍ବକମ୍'ର ନାମାନ୍ତର ହିଁ ମାନବିକତା। ଏହାରି ଆଶ୍ରାରେ ଯଦି ଏକ ସୌଭାଗ୍ୟପୂର୍ଣ୍ଣ ଭଲ ସମୟର ଆବିର୍ଭାବ ସମ୍ଭବ ହେବ ତ ହେବ, ନୋହିଲେ ନାହିଁ। ■

ବିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ବିଏନ୍‌ଏମ୍‌ଏ କଲେଜ, ପାଳିଆବିନ୍ଧା, ଭଦ୍ରକ
ମୋ: ୯୯୩୭୭୭୯୪୫୨
bdas745@gmail.com

ପାକିସ୍ତାନକୁ କରୋନା ସାହା

ମହାମାରୀ କରୋନା ସାରା ବିଶ୍ୱରେ ଅନେକ କାର୍ଯ୍ୟରେ ବିଘ୍ନ ସୃଷ୍ଟି କରିଥିଲେ ସୁଦ୍ଧା ବିଜ୍ଞାନ ଓ କାରିଗରୀ ବିଦ୍ୟାର ଅଭୂତପୂର୍ବ ଉନ୍ନତି ଯୋଗୁଁ ଆଞ୍ଚଳିକ, ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ତଥାପି କେତେକ କାର୍ଯ୍ୟ ସମ୍ପନ୍ନ ହୋଇ ପାରୁଛି। ତେଣୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ନ ରହି ମଧ୍ୟ ଗତ ସପ୍ତାହରେ ଅନୁଷ୍ଠିତ ହୋଇ ଯାଇଛି ବିଶ୍ୱସ୍ତରୀୟ ପ୍ରହରୀ ଏଫ୍‌ଏଟିଏଫ୍ (ଫାଇନାନ୍‌ସିଆଲ ଆକ୍ସନ୍ ଟାସ୍କ ଫୋର୍ସ)ର ଭର୍ଚୁଆଲ ବୈଠକ। ବୈଠକରେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଉ ଥିବାର ଅଭିଯୋଗ ହୋଇଥିବା ପାକିସ୍ତାନ ସମେତ କେତେକ ରାଷ୍ଟ୍ରଙ୍କୁ ସେମାନଙ୍କର ପ୍ରତିଶ୍ରୁତି ପୂରଣ କରିବା ପାଇଁ ପ୍ରଦାନ କରାଯାଇଛି ତିନି ମାସ ମହଲତ। ସୂଚନାଯୋଗ୍ୟ ଯେ ୨୦୧୮ ଜୁନ୍‌ରେ ପାକିସ୍ତାନକୁ ଉପରୋକ୍ତ ବିଶ୍ୱସ୍ତରୀୟ ସଂସ୍ଥା ଧୂସର ତାଲିକା/ଗ୍ରେ ଲିଷ୍ଟ୍ ବା 'ବର୍ଦ୍ଧିତ ନିରୀକ୍ଷଣ' ତାଲିକାରେ ଅନ୍ତର୍ଭୁକ୍ତ କରିଥିଲା ଏବଂ ଆତଙ୍କବାଦୀ ସଂଗଠନମାନଙ୍କୁ ମିଳୁଥିବା ଆର୍ଥିକ ସହାୟତା ଓ ମନି ଲଣ୍ଡରିଂ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ୨୦୧୯ ଅକ୍ଟୋବର ସୁଦ୍ଧା ୨୭ଟି ପଏଣ୍ଟବିଶିଷ୍ଟ ଏକ କାର୍ଯ୍ୟାନୁଷ୍ଠାନ ଯୋଜନାର ଅନୁପାଳନ କରିବାକୁ ଏଫ୍‌ଏଟିଏଫ୍ ସମୟ ଦେଇଥିଲା। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ବିଫଳ ହେଲେ ଯେ କୌଣସି ଦେଶକୁ କଳା ତାଲିକାଭୁକ୍ତ କରାଯିବା ସହିତ 'ଅତ୍ୟଧିକ-ବିପଦାପନ୍ନ ପରିସର' ମଧ୍ୟରେ ରଖାଯାଏ ଯାହାର ପରିଣତିରେ ସମ୍ପୃକ୍ତ ଦେଶ ଆର୍ଥିକ ଅନୁଦାନ ପାଇବାରେ କଠୋର ପ୍ରତିବନ୍ଧକର ସମ୍ମୁଖୀନ ହୋଇଥାଏ। ପାକିସ୍ତାନ ପାଇଁ ଏମିତି ଏକ ସମ୍ଭାବନା ରହିଥିଲା ଅର୍ଥାତ୍ ଯଦି ବିଶ୍ୱରେ ବର୍ତ୍ତମାନ ପ୍ରାକ୍-କରୋନା ସମୟର ପରିସ୍ଥିତି ବଜାୟ ଥାଆନ୍ତା ବା କରୋନାଜନିତ ପରିସ୍ଥିତି ଆପାତତଃ ଭୟାବହ ନଥାନ୍ତା, ତା'ହେଲେ ଏହି ରାଷ୍ଟ୍ର କଳା ତାଲିକାଭୁକ୍ତ ହେବାର ଢେର୍ ସମ୍ଭାବନା ରହିଥିଲା। କାରଣ ଏଫ୍‌ଏଟିଏଫ୍ ଦ୍ୱାରା ପ୍ରଦତ୍ତ ୨୭ଟି ପଏଣ୍ଟରୁ ଏହା ଏଯାବତ୍ ମାତ୍ର ୧୪ଟି ପଏଣ୍ଟ୍ ପାଳନ କରିବାରେ ସମର୍ଥ ହୋଇଛି। ଅବଶିଷ୍ଟ ଯେଉଁ ପଏଣ୍ଟ୍ ବା ସର୍ତ୍ତଗୁଡ଼ିକ ରହିଛି, ତାକୁ ପାଳନ କରିବା ବେଶ୍ କଷ୍ଟକର ଯେହେତୁ ଏହା ମଧ୍ୟରେ ଆତଙ୍କବାଦୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନର ବାଟ ବନ୍ଦ କରିବା, ହାୱାଲା କାରବାରକୁ ରୋକିବା, ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ବେଆଇନ୍ ଘୋଷିତ ସଂଗଠନ ଓ ଆତଙ୍କବାଦୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମଦ୍ରାସାଗୁଡ଼ିକୁ ଆଧୁନିକ ଶିକ୍ଷା ବ୍ୟବସ୍ଥା ଅନୁସାରେ ସ୍କୁଲରେ ପରିଣତ କରିବା ଭଳି ଅନେକ କାର୍ଯ୍ୟ ପାକିସ୍ତାନ ନିକଟରେ କରିବାକୁ ବାକି ରହିଛି। ମୋଟାମୋଟି ପାକିସ୍ତାନକୁ ଏଫ୍‌ଏଟିଏଫ୍‌ର ସୁନଜରରେ ରହିବାକୁ ହେଲେ ଆତଙ୍କବାଦର ଅନ୍ତ ଘଟାଇବାକୁ ହେବ। ଆଉ ପାକିସ୍ତାନ ଓ ଆତଙ୍କବାଦକୁ ପ୍ରୋତ୍ସାହନ- ଏ ଦୁଇଟି ତ ସତେ ଯେପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।

ପାକିସ୍ତାନ ଯେ ପ୍ରଥମ ଥର ପାଇଁ ଏପରି ଏଫ୍‌ଏଟିଏଫ୍‌ର ତୀକ୍ଷ୍ଣ ଦୃଷ୍ଟି ପରିସରକୁ ଆସିଛି, ତା' ନୁହେଁ। ଆଗରୁ ଦୁଇଥର ଏହି ରାଷ୍ଟ୍ରକୁ ସମାନ କାରଣ ଯୋଗୁଁ ସ୍ୱଳ୍ପ ସମୟ ପାଇଁ ଅର୍ଥାତ୍ ୨୦୦୮ ଏବଂ ୨୦୧୨ରୁ ୨୦୧୫ ପର୍ଯ୍ୟନ୍ତ ଉପରୋକ୍ତ ସଂସ୍ଥା ଏହାର ପର୍ଯ୍ୟବେକ୍ଷଣ ଭିତରେ ରଖିଥିଲା। ଏହା ସତ୍ତ୍ୱେ ପାକିସ୍ତାନ ତା'ର ସ୍ୱଭାବରେ ବିଶେଷ କିଛି ପରିବର୍ତ୍ତନ କରିନାହିଁ। ଏବେ ଏଫ୍‌ଏଟିଏଫ୍‌ର କଡ଼ା ତାଗିଦା ପରେ ବି ଏହା ନିଜର ପଥରୁ ବିଚ୍ୟୁତ ହୋଇନାହିଁ। ଏହାର ପ୍ରମାଣ ଭାବରେ ନିଆଯାଇପାରେ ଗତ ସପ୍ତାହରେ ଆତଙ୍କବାଦ ଉପରେ ଆମେରିକା ଦ୍ୱାରା ଜାରି କରାଯାଇଥିବା ରିପୋର୍ଟକୁ ଯେଉଁଥିରେ ଦର୍ଶାଯାଇଛି ଯେ ଜାତିସଂଘ ଦ୍ୱାରା ଅନୁମୋଦିତ ବେଶ୍ କିଛି ସଂଖ୍ୟକ ଆତଙ୍କବାଦୀ ଗୋଷ୍ଠୀଙ୍କ ପାଇଁ ପାକିସ୍ତାନ ଏବେ 'ଭୂସ୍ୱର୍ଗ' ପାଲଟିଛି। ରିପୋର୍ଟରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଯେ ବିଶ୍ୱବାସୀଙ୍କୁ ଭୂଆଁ ବୁଲାଇବା ପାଇଁ ଏହା କେବଳ ଯାହାକିଛି ଲୋକଦେଖାଣିଆ ଭାବରେ ଜୈସ୍-ଇ-ମହମ୍ମଦ ଓ ଲସ୍କର-ଇ-ତାଇବା ଭଳି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକର କେତେଜଣ ନେତାଙ୍କୁ ଦଣ୍ଡିତ କରିବାର ବାହାନା କରୁଛି। ଏଫ୍‌ଏଟିଏଫ୍‌ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ପାଇବା ପରେ ଗତ ବର୍ଷ ପାକିସ୍ତାନ କେତେକ ଆତଙ୍କବାଦୀ ଗୋଷ୍ଠୀର ମୁଖ୍ୟଙ୍କ ବିରୋଧରେ ଅଭିଯୋଗ ଆଣିଛି, ଯେପରି ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ୍ ହାଫିଜ୍ ସୟିଦ୍ ବିରୁଦ୍ଧରେ। କିନ୍ତୁ ତା' ବିରୁଦ୍ଧରେ ଅଣାଯାଇଥିବା ଅଭିଯୋଗ ସେପରି ଗୁରୁତର ନୁହେଁ ଯେଉଁଥିପାଇଁ ତା'ର କଠୋର ଦଣ୍ଡରେ ଦଣ୍ଡିତ ହେବାର ସେତେ ସମ୍ଭାବନା ନାହିଁ। ବରଂ ତାକୁ ବିଶ୍ୱ ଆଖିରେ ଆଇନ୍‌ର ଢାଲ ପ୍ରଦାନ କରାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସମାନ ଆଭିମୁଖ୍ୟ ପାକିସ୍ତାନ ଆପଣାଇଛି ଏଲ୍‌ଇଟି କମାଣ୍ଡର ଜାକି ଉର୍ ରେହମାନ୍ ଲଖ୍‌ଭୀ, ସାଜିଦ୍ ମୀର୍ ଏବଂ ଜେଇଏମ୍ ମୁଖ୍ୟ ମାସୁଦ୍ ଆଝାର କ୍ଷେତ୍ରରେ। ଏସବୁ ଅପେକ୍ଷା ଆତଙ୍କବାଦ ପ୍ରତି ପାକିସ୍ତାନ କେତେ ନରମ ମନୋଭାବ ପୋଷଣ କରେ, ତା'ର ସଦ୍ୟତମ ବଳିଷ୍ଠ ପ୍ରମାଣ ହେଉଛି ଆମେରିକା ଦ୍ୱାରା ପାକିସ୍ତାନର ଆବୋଟାବାଦରେ ନିହତ ଓସାମା ବିନ୍ ଲାଦେନ୍‌କୁ ବର୍ତ୍ତମାନର ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ତାଙ୍କ ଦେଶର ସଂସଦରେ 'ସହିଦ'ର ଆଖ୍ୟା ଦେବାକୁ କହିବାରୁ। କେବଳ ଏତିକି ନୁହେଁ, ଗତ ସପ୍ତାହରେ ଭାରତର ଚାରିଜଣଙ୍କୁ ଜାତିସଂଘର ସୁରକ୍ଷା ପରିଷଦ ଆତଙ୍କବାଦୀ ଘୋଷିତ କରିବାକୁ ପାକିସ୍ତାନ ଦାବି କରିବା ହାସ୍ୟାସ୍ପଦ। ଅବଶ୍ୟ ଆମେରିକାର ଭିଟୋ ପ୍ରୟୋଗ ଯୋଗୁଁ ପାକିସ୍ତାନ ତାହା କରିବାରେ ସଫଳ ହୋଇନାହିଁ। କିନ୍ତୁ ଏବେ ମଧ୍ୟ ପାକିସ୍ତାନ ଯେ ଆନ୍ତର୍ଜାତିକ ସମୁଦାୟଙ୍କ ଆଗରେ ଭାରତ ବିରୁଦ୍ଧରେ ବିଷ ଉଦ୍‌ଗାର କରିବାରୁ ନିବୃତ୍ତ ହୋଇନାହିଁ, ତା'ର ପ୍ରମାଣ ଏଥିରୁ ମିଳେ। ସଙ୍ଗେ ସଙ୍ଗେ ଖାସ୍ ଆତଙ୍କବାଦ କାରଣରୁ ଏହି ରାଷ୍ଟ୍ର ସମଗ୍ର ବିଶ୍ୱରେ ନିଜର ଭାବମୂର୍ତ୍ତି ହରାଇ ଥିବା ପ୍ରମାଣିତ ହୁଏ, ଯାହାକୁ କ୍ୱଚିତ୍ ଏହା ଅନୁଭବ କରି ପାରୁଛି। ସମ୍ପ୍ରତି ଏହା ଉପରେ ରହିଛି ଏଫ୍‌ଏଟିଏଫ୍‌ର କଠୋର କାର୍ଯ୍ୟକାରୀ ଯୋଜନା ସହିତ ବିଶ୍ୱର ବହୁ ରାଷ୍ଟ୍ରଙ୍କ ମିଳିତ ଚାପ। ଆଶା କରାଯାଏ, ପାକିସ୍ତାନ ଖୁବ୍ ଶୀଘ୍ର ଏହା ଅନୁଭବ କରି ନିଜକୁ ସୁଧାରିବାକୁ ଉଦ୍ୟମ କରିବ ଅନ୍ୟଥା ଦୁର୍ବଳ ଅର୍ଥନୀତିରେ ଗତି କରୁଥିବା ଏହି ରାଷ୍ଟ୍ରକୁ ଏଫ୍‌ଏଟିଏଫ୍ ଦ୍ୱାରା ଆର୍ଥିକ କଟକଣାର ଶିକାର ହେବାକୁ ପଡ଼ିବ ଯାହାଦ୍ୱାରା ଯେ କୌଣସି ଦୃଷ୍ଟିରୁ କ୍ୱଚିତ୍ ଏହାର ସ୍ୱାର୍ଥ ସାଧିତ କରିବ। ■

ଘରେ ଯେବେ ପଶେ ଚୋର

ଗଛ ତଳେ ଫକିର ବସିଥିଲେ। ଜଣେ ଖୁବ୍ ଜୋରରେ ଗାଳି ଦେଲା। ଫକିର କେବଳ ହସୁଥିଲେ। କିଛି ସମୟ ପରେ ଲୋକଟି ଆହୁରି ରାଗିଲା। ଫକିରଙ୍କୁ ଛେପ ଖଙ୍କାର ପକାଇଲା। ତଥାପି ଫକିର ହସୁଥିଲେ। ସେହି ଛେପ ଖଙ୍କାରର ଆନନ୍ଦ ନେଉଥିଲେ। ଲୋକଟି ଦେଖିଲା ମୋ କଟୁ କଥା, ଖରାପ ବ୍ୟବହାର ଫକିରଙ୍କୁ ଚନ୍ଦନ ଭଳି ଲାଗୁଛି। ସେ ଖୁସି ମନରେ ହସୁଛନ୍ତି। ଗାଳି ଦେଇ ଓ ଛେପ ପକାଇ ଲୋକଟି ଥକିଗଲା। ଶେଷରେ ଲୋକଟି ନିରବ ରହିଲା। ତା'ର ନିରବତା ଦେଖି ଫକିରଙ୍କ ମନ ଫିକା ପଡ଼ିଗଲା ଭଳି ଲାଗିଲା।

ଉତ୍ତିଷ୍ଠତ
ପଦାରବିନ୍ଦ

ପର ଦିନ ସେହି ଲୋକଟି ପୁଣି ଆସିଲା। ବିନା କାରଣରେ ପୂର୍ବ ଦିନ ପରି ଫକିରଙ୍କୁ ଗାଳି ଦେଲା। ଛେପ ଖଙ୍କାର ପକାଇଲା। ଉଚ୍ଛୁଳା ନଈ ପରି ଫକିରଙ୍କ ଆନନ୍ଦ କହିଲେ ନସରେ। ଏହିପରି ତିନି ଚାରି ଦିନ କଲା ପରେ ଲୋକଟି ତା'ର ଅନୁଗାମୀମାନଙ୍କୁ ନେଇ ଦିନେ ଫକିରଙ୍କ ପାଖରେ ପହଞ୍ଚିଲା। ତାଙ୍କ ପାଦତଳେ ପଡ଼ିଗଲା। ଆଖିରୁ ବହୁଥିଲା ଅନୁତାପର ଅଶ୍ରୁ। ଲୋକଟି ଅନ୍ୟମାନଙ୍କୁ ଚାହିଁ କହୁଥିଲା- 'ଏ ହେଉଛନ୍ତି ପ୍ରକୃତ ସାଧୁ। ମୋର ବ୍ୟବହାର ଯେତେ କଟୁ ହେଉଥିଲେ ମଧ୍ୟ ଏ ଲୋକଙ୍କର କିଛି ଭାବାନ୍ତର ନଥିଲା।' ଫକୀରଙ୍କୁ ଅଜାଡ଼ି ଦେଲା କୁଢ଼ କୁଢ଼ ପ୍ରଶଂସାରେ। ଅନ୍ୟମାନେ ଫକିରଙ୍କ ପାଦତଳେ ପଡୁଥିଲା ବେଳେ ଫକିର ହଠାତ୍ ଉଠି ପଡ଼ିଲେ ଧାଇଁଲେ ତାଙ୍କ କୁଡ଼ିଆ ଭିତରକୁ। ଗଲାବେଳେ ଚିତ୍କାର କରୁଥିଲେ, 'ଚୋର... ଚୋର... ଘରେ ଚୋର ପଶିଗଲା।'

ଫକିରଙ୍କ ପଛେ ପଛେ ମଧ୍ୟ ଅନ୍ୟମାନେ ଧାଇଁଲେ। କୁଡ଼ିଆ ଭିତରେ ଯାହା ଦେଖିଲେ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ଚୋର ନଥିଲା। ଥିଲେ ଫକିର। ଛିଣ୍ଡା ଚପଲରେ ହାରଟିଏ ଗଳାରେ ପକାଇ ଥିଲେ। ନିଜ ଗାଲରେ ଚଟକଣା ମାରି ହେଉଥିଲେ। ନିଜ ମୁହଁରେ ଚୁନ-କାଳି ବୋଲି ଦର୍ପଣକୁ ଦେଖୁଥିଲେ।

ଲୋକମାନେ ଏଭଳି ବ୍ୟବହାର ଦେଖି ଆଶ୍ଚର୍ଯ୍ୟ ହେଲେ। ଅନେକ କହିଲେ ଏ ପାଗଳଟାଏ। ନହେଲେ ମୁହଁରେ ଟିକିଏ କ'ଣ ଲାଗିଲେ ଆମେ ଛଡ଼ାଇ ସଫା କରିଦେଉ। ଅଥଚ ଏ ନିଜ ମୁହଁରେ ନିଜେ ଚୁନ କଳା ବୋଳୁଛନ୍ତି? ଜଣେ ଅତି ସନ୍ତର୍ପଣରେ ପ୍ରଶ୍ନ କଲେ ଫକିରଙ୍କୁ- 'ଘରେ ଚୋର ପଶିଗଲା ବୋଲି ଆପଣ ଧାଇଁ ଆସିଲେ। ହେଲେ ଚୋର ତ ନଥିଲା! ନିଜେ ଚୁନ କାଳି କାହିଁକି ବୋଳି ହେଉଥିଲେ?'

ଫକିର କହିଲେ- 'ତୁମମାନଙ୍କ ପ୍ରଶଂସା ମୋ ପାଇଁ ଚୋରି ଭଳି। ଏହି ପ୍ରଶଂସା ମୋ ହୃଦୟର ସରଳତାକୁ ଲୁଟି ନେଇପାରେ। ଏହାର ପ୍ରଭାବରେ ମୁଁ ପରମାତ୍ମାଙ୍କୁ ଭୁଲି ନିଜ ପ୍ରତିଷ୍ଠାରେ ମାତିଯାଇପାରେ। ତେଣୁ ଚୁନ, କଳା, ଚପଲ ହାର ମାଧ୍ୟମରେ ନିଜ ଭିତରେ ଲୁଚିଥିବା ଅଭିମାନକୁ ଛଡ଼ାଉ ଥିଲି। ଆଗରେ ଥିବା ଦର୍ପଣକୁ ଦେଖି ପ୍ରଶ୍ନ କରୁଥିଲି, ସତରେ କ'ଣ ମୁଁ ପ୍ରଶଂସାର ଭାଜନ? ହୃଦୟର ଘରେ ଚୋର ପଶିଗଲେ ସବୁ କିଛି ଲୁଟିନେବ।'

ଆମେରିକାରେ ବର୍ଣ୍ଣ-ବିଦ୍ୱେଷର ନିଆଁ

୨୦୨୦ ମେ' ମାସ ୨୫ ତାରିଖରେ ଆମେରିକାର ମିନିଆପଲିସଠାରେ ଯେଉଁ ହୃଦୟ ବିଦାରକ ଘଟଣା ଘଟିଲା, ତାହାର ଭୟାବହ ପ୍ରତିକ୍ରିୟା କେବଳ ଆମେରିକାରେ ନୁହେଁ, ସାରା ବିଶ୍ୱରେ ଦେଖା ଦେଇଛି। ସେହି ଅଶୁଭ ଦିନ ଜର୍ଜ ଫ୍ଲଏଡ୍ ନାମକ ଜଣେ କୃଷ୍ଣକାୟ ବ୍ୟକ୍ତି ପୁଲିସର ବର୍ବରତାର ଶିକାର ହୋଇ ପ୍ରାଣ ହରାଇଲେ। ତାଙ୍କ ଉପରେ ଅଭିଯୋଗ ଥିଲା କି ସେ କୌଣସି ଏକ ଦୋକାନରେ ଜାଲ୍ ନୋଟ୍ ଚଳାଇବାର ଉଦ୍ୟମ କରୁଥିଲେ। ଚୌଭିନ୍ ନାମକ ଜନୈକ ପୁଲିସ ଅଫିସର ଜର୍ଜଙ୍କ ବେକ ଉପରେ ନିଜର ଆଣ୍ଠୁର ଭାର ଲଦି ତାଙ୍କୁ ହ୍ୟାଣ୍ଡକଫ୍ ପକେଇବାର ଚେଷ୍ଟା କରୁ ଥିବାର ଭିଡିଓ ଫୁଟେଜ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମ୍ପୃକ୍ତ ପୁଲିସ ଅଫିସର ଓ ତାଙ୍କର ତିନିଜଣ ସହଯୋଗୀଙ୍କୁ ନିଲମ୍ବିତ କରାଗଲା। ନିଷ୍ଠୁର ପୁଲିସ ଅଫିସରଙ୍କ ଅମାନବୀୟ କାର୍ଯ୍ୟ ଯୋଗୁଁ ଜଣେ ନିରୀହ ବ୍ୟକ୍ତିଙ୍କ ଜୀବନ ଚାଲିଗଲା।

ପ୍ରଦୀପ କୁମାର ନାୟକ

ଜର୍ଜ୍ ଫ୍ଲଏଡ୍‌ଙ୍କ ମୃତ୍ୟୁ ପରବର୍ତ୍ତୀ ପ୍ରତିକ୍ରିୟା ସାରା ବିଶ୍ୱରେ ଦେଖିବାକୁ ମିଳିଛି। ପୁଲିସର ଏତାଦୃଶ ଆଚରଣ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ଦିଅନ୍ତି। ନିଜକୁ ଏକ ଧର୍ମନିରପେକ୍ଷ ଓ ବିବିଧ ସଂସ୍କୃତିର ଦେଶ ବୋଲି ଦାବି କରୁଥିବା ଆମେରିକା ବର୍ତ୍ତମାନ ତୀକ୍ଷ୍ଣ ସମାଲୋଚନାର ଶରବ୍ୟ ହୋଇଛି। ବୁଦ୍ଧିଜୀବୀମାନଙ୍କ ମତରେ ଆମେରିକାରେ କଳା ଗୋରା ଭେଦଭାବ ବା ବର୍ଣ୍ଣବାଦ ଏହି ଏକବିଂଶ ଶତାବ୍ଦୀରେ ମଧ୍ୟ ବଞ୍ଚି ରହିଛି। ଶ୍ୱେତାଙ୍ଗମାନେ କୃଷ୍ଣକାୟ ଗୋଷ୍ଠୀଙ୍କୁ ନୀଚ ଦୃଷ୍ଟିରେ ଦେଖିଥାନ୍ତି ଓ ସେମାନଙ୍କଠାରୁ ସାମାଜିକ ଦୂରତ୍ୱ ବଜାୟ ରଖିଥାନ୍ତି। ଏକଦା ଏହି କୃଷ୍ଣ ବର୍ଣ୍ଣର ଲୋକମାନଙ୍କୁ ଶ୍ୱେତାଙ୍ଗମାନେ 'ନିଗ୍ରୋ' ବୋଲି ଆକ୍ଷେପ କରୁଥିଲେ; କିନ୍ତୁ ଯୁଗର ପରିବର୍ତ୍ତନରେ ଚଳଣିରେ ପରିବର୍ତ୍ତନ ଆସିଛି। ନିଗ୍ରୋ କହିବା ଏକ ଅପମାନସୂଚକ ପରିପ୍ରକାଶ। ସେଥିପାଇଁ ସେମାନଙ୍କୁ କଳା ବା କୃଷ୍ଣକାୟ ବୋଲି ସମ୍ବୋଧନ କରାଯାଉଛି। ଏଠାରେ ସ୍ମରଣ କରାଯାଇପାରେ ଯେ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ନୀତି ଯୋଗୁଁ ସାରା ବିଶ୍ୱ ତାହାକୁ ସଭ୍ୟ ସମାଜରୁ ବାସନ୍ଦ କରିଥିଲା।

ଆମେରିକାରେ ମଧ୍ୟ ଊନବିଂଶ ଶତାବ୍ଦୀରେ କଳା ଗୋରା ଭେଦଭାବ ତଥା ବର୍ଣ୍ଣବିଦ୍ୱେଷ ଉତ୍କଟ ରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ବାରମ୍ବାର ସଂଘର୍ଷ ଓ ରକ୍ତପାତ ଘଟୁଥିଲା। ସେତେବେଳେ ଆମେରିକାର ଦକ୍ଷିଣ ରାଜ୍ୟମାନଙ୍କରେ ଏକ ଘୃଣ୍ୟ ଓ ଅମାନବୀୟ ଆଇନ ପ୍ରଚଳିତ ଥିଲା ଯାହା 'ଜିମ୍ କ୍ରୋ ଲ' ନାମରେ କୁଖ୍ୟାତ ଥିଲା। ଏହି ଆଇନ୍ ବଳରେ ଆଫ୍ରୋ-ଆମେରିକୀୟ ଗୋଷ୍ଠୀଙ୍କୁ ଚର୍ମର ରଙ୍ଗକୁ ନେଇ ପଶୁତୁଲ୍ୟ ବ୍ୟବହାର କରା ଯାଉଥିଲା। ୧୯୬୪ ମସିହା ଜୁଲାଇ ୨ ତାରିଖରେ ଆମେରିକାର ସିଭିଲ୍ ରାଇଟ୍ସ ଆକ୍ଟ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ଭେଦରେ ପକ୍ଷପାତ ନୀତିକୁ ଅସାମ୍ବିଧାନିକ ଘୋଷଣା କରି ଖାରଜ କରି ଦେଇଥିଲା। ପ୍ରସିଦ୍ଧ ମାର୍କିନ୍ ପତ୍ରିକା ଇକୋନୋମିଷ୍ଟ ୨୦୨୦ ଜୁନ୍ ୧ ତାରିଖରେ ଏକ ସର୍ବେକ୍ଷଣ କରି ରିପୋର୍ଟ କରିଥିଲେ ଯେ ୧୯୭୦ ଓ ୨୦୦୦ ମସିହା ମଧ୍ୟରେ ଆମେରିକାରେ ବାସ କରୁଥିବା କଳା ସମ୍ପ୍ରଦାୟଙ୍କ ଜୀବନଧାରା ଓ ଚଳଣିରେ ପୂର୍ବାପେକ୍ଷା ଉନ୍ନତ ଥିଲା।

BLACK
LIVES
MATTER

ବିଂଶ ଶତାବ୍ଦୀର ପଚାଶ ଦଶକରେ ଆମେରିକାରେ କୃଷ୍ଣକାୟ ନେତା ମାର୍ଟିନ୍ ଲୁଥର୍ କିଙ୍ଗ୍ (ଜୁନିଅର), ରୋଜା ପାର୍କସ୍, ମାଲ୍‌କମ୍ ଏକ୍ସ ଓ ଦରୋଥି ହାଇଟ୍‌ଙ୍କ ନେତୃତ୍ୱରେ ଯେଉଁ ସିଭିଲ୍ ରାଇଟ୍ସ ଆନ୍ଦୋଳନ ସୃଷ୍ଟି ହୋଇଥିଲା, ତାହା କଳା ସମ୍ପ୍ରଦାୟକୁ ଏକ ସମ୍ମାନଜନକ ସାମାଜିକ ସ୍ଥିତିରେ ପହଞ୍ଚେଇଥିଲା। ପ୍ରଖ୍ୟାତ ଲେଖକ ଗୁନାର୍ ମିରଡାଲ୍ ତାଙ୍କର ୧୯୪୪ରେ ଲିଖିତ ପୁସ୍ତକ 'ଆନ୍ ଆମେରିକାନ୍ ଡିଲେମା: ଦ ନିଗ୍ରୋ ପ୍ରୋବ୍ଲେମ୍ ଆଣ୍ଡ୍ ମଡର୍ଣ୍ଣ ଡେମୋକ୍ରାସି'ରେ କଳା ଲୋକ ବିରୋଧୀ ଆଇନ୍ ଓ ବର୍ଣ୍ଣବାଦର ବୈଧତା ଉପରେ ପ୍ରଶ୍ନ କରିଥିଲେ। ସେ ଲେଖିଛନ୍ତି, 'ନିଗ୍ରୋମାନଙ୍କୁ ବ୍ୟବହାର ପ୍ରଦର୍ଶନ ଆମେରିକାର ସର୍ବବୃହତ୍ ଏବଂ ସର୍ବାଧିକ ପ୍ରସିଦ୍ଧ କଳଙ୍କ।' କାଳକ୍ରମେ ଆମେରିକାରେ ଯୁଗର ପରିବର୍ତ୍ତନ ଯୋଗୁଁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା। ଏକ ସହନଶୀଳ ନୀତି ଆପଣାଇ ସମସ୍ତ ଜାତି, ଧର୍ମ ଓ ବର୍ଣ୍ଣର ଲୋକଙ୍କୁ ଆମେରିକା ତା'ର ଉନ୍ମୁକ୍ତ ସମାଜରେ ସାମିଲ୍ କରିଥିଲା। ସେଥିପାଇଁ ଆମେରିକାକୁ 'ବିଗଳନ ପାତ୍ର' (ମେଲ୍ଟିଂ ପଟ୍) ଆଖ୍ୟା ଦିଆଯାଇଛି। ଯେତେବେଳେ କି ସମୃଦ୍ଧଶାଳୀ ଓ ବିଶ୍ୱର ଏକ ନମ୍ବର ଐଶ୍ୱର୍ଯ୍ୟଶାଳୀ ରାଷ୍ଟ୍ର ଆମେରିକାର ପ୍ରଗତିରେ କୃଷ୍ଣକାୟ ସମ୍ପ୍ରଦାୟଙ୍କର ଯଥେଷ୍ଟ ଅବଦାନ ରହିଛି, ସେହି ସମୟରେ ଘୃଣା ଓ ଦମନମୂଳକ ନୀତି ଦ୍ୱାରା ଏହି ଗୋଷ୍ଠୀଙ୍କ ଉପରେ ଅତ୍ୟାଚାର କରିବା ଶ୍ୱେତାଙ୍ଗ ସମାଜ ପାଇଁ ସାରା ବିଶ୍ୱରେ ବଦନାମ୍ ଓ ଦୁର୍ନାମ ଆଣିବ।

'ଶ୍ୱେତାଙ୍ଗ ଶ୍ରେଷ୍ଠତା' ଏକ ମିଥ୍ୟା ଚେତନା ଅଟେ। ଯେତେବେଳେ କି ବିଶ୍ୱ ଭ୍ରାତୃତ୍ୱ ନୀତି ମନୁଷ୍ୟ ସମାଜର ପ୍ରଗତିର ମୂଳମନ୍ତ୍ର ଅଟେ, ସେତେବେଳେ ବର୍ଣ୍ଣବାଦର ନୀତିକୁ ପୁଣି ଉଜ୍ଜୀବିତ କରିବା ଅଯୌକ୍ତିକ। କୁ କ୍ଲକ୍ସ କ୍ଲାନ୍ ଓ ସ୍କିନ୍ ହେଡ୍‌ସ୍‌ଙ୍କ ପରି ଦକ୍ଷିଣପନ୍ଥୀ, ଉଗ୍ର ବର୍ଣ୍ଣବିଦ୍ୱେଷୀ ସଂଗଠନମାନେ ୧୮୬୦ ମସିହାରୁ ଆଫ୍ରିକୀୟ-ଆମେରିକୀୟମାନଙ୍କ ବିରୁଦ୍ଧରେ ହିଂସା, ରକ୍ତପାତ, ଘୃଣା ଓ ଦମନମୂଳକ ନୀତି ଅବଲମ୍ବନ କରି ଆସୁଛନ୍ତି। ଏହି ମୌଳବାଦୀ ସଂଗଠନମାନେ କଳା ଲୋକଙ୍କ ବିରୁଦ୍ଧରେ ସେମାନଙ୍କ ହିଂସାର ଏଜେଣ୍ଡା କାର୍ଯ୍ୟକାରୀ କରିବାକୁ ସର୍ବଦା ଚେଷ୍ଟା କରିଥାନ୍ତି।

ସମ୍ଭବତଃ ଜର୍ଜ୍ ଫ୍ଲଏଡ୍‌ଙ୍କ ପରି ଜଣେ ନିରୀହ ବ୍ୟକ୍ତି ଘୃଣା ମନୋଭାବର ଶିକାର ହୋଇ ପ୍ରାଣ ହରାଇଛନ୍ତି ଯାହାକି ଦୁର୍ଭାଗ୍ୟଜନକ। ■

ଅଧ୍ୟକ୍ଷ, ଜୀବନ ଜ୍ୟୋତି ମହାବିଦ୍ୟାଳୟ
ରାଇକିଆ (କନ୍ଧମାଳ), ମୋ: ୯୪୩୭୬୪୪୩୪୧

ସମ୍ପାଦକଙ୍କୁ ପତ୍ର

ଜଗନ୍ନାଥଙ୍କ ଲୀଳା

କରୋନା ମହାମାରୀକୁ ଦୃଷ୍ଟିରେ ରଖି ମାନ୍ୟବର ସୁପ୍ରିମ୍‌କୋର୍ଟ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହା ଫଳରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଜଗନ୍ନାଥପ୍ରେମୀ ତଥା ଓଡ଼ିଶାବାସୀଙ୍କ ହୃଦୟ ଦୁଃଖରେ ଭାଙ୍ଗି ପଡ଼ିଥିଲା ଏବଂ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରଥଯାତ୍ରା ଏକ ଉତ୍ସବ ନୁହେଁ, ଏହା ଏକ ବିଧି ବୋଲି ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜା ମତ ପୋଷଣ କରିଥିଲେ। ରଥଯାତ୍ରା ବନ୍ଦ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ କଳାପାହାଡ଼ ଇତିହାସର ପୁନରାବୃତ୍ତି ନ ହେଉ ବୋଲି ସମସ୍ତ ଜଗନ୍ନାଥ ପ୍ରେମୀ ଗୁହାରି କରିଥିଲେ। ଶେଷରେ ଭକ୍ତଙ୍କ ଭାବାବେଗ ଓ ଗଜପତି ମହାରାଜାଙ୍କ ଚିଠି ପରେ ରାଜ୍ୟ ସରକାର ମନ ପରିବର୍ତ୍ତନ କରି ସୁପ୍ରିମ୍‌କୋର୍ଟରେ ରଥଯାତ୍ରା କରିବାକୁ ପୁନଃ ଆବେଦନ କରିଥିଲେ। ମାନ୍ୟବର ସୁପ୍ରିମ୍‌କୋର୍ଟ ଜନସାଧାରଣଙ୍କ ଗୁହାରି ଓ ଭାବାବେଗକୁ ଦୃଷ୍ଟିରେ ରଖି କୋଭିଡ୍ ଗାଇଡ୍‌ଲାଇନ୍ ସହ ରଥଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଏଥର ରଥଯାତ୍ରା ମୁଖ୍ୟତଃ ଗଜପତି ମହାରାଜାଙ୍କ ପାଇଁ ସମ୍ଭବ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସେଥିପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ କୋଟି କୋଟି ଧନ୍ୟବାଦ ଜଣାଇଛନ୍ତି ସମସ୍ତ ଜଗନ୍ନାଥପ୍ରେମୀ ତଥା ଓଡ଼ିଶାବାସୀ। ପ୍ରଭୁ ଜଗନ୍ନାଥଙ୍କର ଅପାର ଲୀଳା।

ରମେଶ ଚନ୍ଦ୍ର ନାୟକ, କେଶରପୁର, ବକ୍ସି ବଜାର, କଟକ

ଚାଷୀର ବେଦନା

ଚାଷୀଟିଏ କେତେ କଷ୍ଟ କରି ତା'ର ପରିବାର ପ୍ରତିପୋଷଣ କରେ, ତାହା କେବଳ ଚାଷୀଟିଏ ହିଁ ବୁଝିପାରିବ। ଟଙ୍କିକିଆ ଚାଉଳ ଯୋଗୁଁ ଲୋକମାନେ ଯେତେବେଳେ ପୂରା କର୍ମବିମୁଖ ହୋଇ ପଡ଼ିଛନ୍ତି, ସେତେବେଳେ ଚାଷକାମ କରିବା ପାଇଁ ମୁଲିଆଟିଏ ମିଳିବା ବହୁତ କଠିନ। ପୁଣି ବିଲ ଚାଷ କରିବା ପାଇଁ ବଳଦ ପୋଷିବା, ସରକାରଙ୍କ ଦ୍ୱାରା ଯୋଗା ଯାଉଥିବା ବିହନ କିଣିବାଠାରୁ ଆରମ୍ଭ କରି ନକଲି କୀଟନାଶକ ଇତ୍ୟାଦି କିଣିବା ପରେ ଚାଷୀ କେମିତି ଫସଲ ଉପୁଜାଉଥିବ, ତାହା ଜଣେ ନିଜେ ଅଙ୍ଗେ ନ ନିଭେଇଲେ, ଜାଣିପାରିବ ନାହିଁ। ଏମିତି ଅନେକ ଅଜାଗା ଘା'କୁ ନ ଦେଖାଇ ପାରି ଚାଷୀ ବେଳେବେଳେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ସରକାର ଚାଷୀମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ଅନୁରୋଧ। **- ବିଶ୍ୱମ୍ଭର ରାଉତ, ଗୋବିନ୍ଦପୁର, କଟକ**

ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ। **- ସମ୍ପାଦକ**

ଲେଖା ପଠାଇବାର ଠିକଣା, ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com